USAID FROM THE AMERICAN PEOPLE
BILL & MELINDA GATES foundation
CSISA Cereal Systems Initiative for South Asia
CIMMYT International Maize and Wheat Improvement Center
IFPRI
IRRI

# ଧାନ ଫସଲରେ ଖାଦ୍ୟସାର ପରିଚାଳନା

ଧାନ ପୃଥିବୀର ଶତକଡା ପ୍ରାୟ ୫୦ ଭାଗ ଲୋକଙ୍କ ମୁଖ୍ୟ ଖାଦ୍ୟ ।

ଧାନ ଉତ୍ପାଦନ କ୍ଷେତ୍ରରେ ଖାଦ୍ୟସାର ପ୍ରୟୋଗ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ।

ଧାନ ଚାଷୀଙ୍କ ପାଇଁ ମଜୁରୀ ପରେ ସାର ପ୍ରୟୋଗ ନିମନ୍ତେ ସର୍ବାଧିକ ଖର୍ଚ୍ଚ କରିବାକୁ ପଡିଥାଏ ।

ଫସଲର ଖାଦ୍ୟସାର ପାଇଁ ଚାରୋଟି 'ସ' ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେଥି ନିମନ୍ତେ,

**ସ**ଠିକ୍ ଉତ୍ସରୁ

**ସ**ଠିକ୍ ପରିମାଣରେ

**ସ**ଠିକ୍ ସମୟରେ

**ସ**ଠିକ୍ ସ୍ଥାନରେ ସାର ପ୍ରୟୋଗ କରନ୍ତୁ ।

ଚାରୋଟି 'ସ' କୁ ଅନୁକରଣ କରି ସାର ପ୍ରୟୋଗ କଲେ ପରିବେଶ ଓ ଅର୍ଥନୈତିକ ଦୃଷ୍ଟିରୁ ଲାଭ ମିଳିପାରିବ ।

## ସଠିକ ଉତ୍ସ:

ଜୈବିକ ସାର : ଯେତେଦୂର ସମ୍ଭବ ବୁଣିବା ବା ରୋଇବା ପୂର୍ବରୁ ବିଭିନ୍ନ ଜୈବିକ ସାର (ସଢ଼ା ଗୋବର ଖତ, କୁକୁଡା ଖତ, ହାଡ ଗୁଣ୍ଡ, ସବୁଜ ସାର ଇତ୍ୟାଦି) ପ୍ରୟୋଗ କରାଯିବା ଉଚିତ୍ ।

**ରାସାୟନିକ ସାର:** ରାସାୟନିକ ଗଠନ ଉପରେ ନିର୍ଭର କରି ଏହି ସାରରେ ଏକ ବା ଏକାଧିକ ଖାଦ୍ୟସାର ରହିଥାଏ । ସେଥିରେ ଦୁଇ ପ୍ରକାର ପଦାର୍ଥ (୧) ଖାଦ୍ୟସାର ଓ (୨) ଖାଦ ରହିଥାଏ । ତେଣୁ ରାସାୟନିକ ସାର ଓ ଏହା ମଧ୍ୟରେ ରହିଥିବା ଖାଦ୍ୟସାରର ଓଜନ ଏକା ହୋଇ ନଥାଏ ।

## ସଠିକ୍ ପରିମାଣ:


ସୁଷମ ଖାଦ୍ୟସାର ସହିତ ଆବଶ୍ୟକୀୟ ସମସ୍ତ ଖାଦ୍ୟସାର ପ୍ରୟୋଗ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଭୁଲ୍ ଭାବରେ ଖାଦ୍ୟସାର ପ୍ରୟୋଗ କଲେ ମାଟି ଖରାପ ହେବା ସହିତ ପ୍ରୟୋଗ କରାଯାଇଥିବା ଖାଦ୍ୟସାରରୁ ସୁଫଳ ମିଳିପାରେ ନାହିଁ । କିସମ ଉପରେ ନିର୍ଭର କରି ସାରର ଆବଶ୍ୟକତା ଭିନ୍ନ ଭିନ୍ନ ହୋଇଥାଏ ।

**ରୁଆ ଧାନ ପାଇଁ:** ହେକ୍ଟର ପ୍ରତି ୮୦-୧୨୦ କିଲୋଗ୍ରାମ ଯବକ୍ଷାର, ୪୦-୬୦ କିଲୋଗ୍ରାମ୍ ଫସଫରସ, ୪୦-୬୦ କିଲୋଗ୍ରାମ୍ ପଟାସ ଓ ୨୫ କିଲୋଗ୍ରାମ୍ ଜିଙ୍କ ସଲଫେଟ୍ ପ୍ରୟୋଗ କରନ୍ତୁ ।

**ବୁଣାଧାନ ପାଇଁ:** ହେକ୍ଟର ପ୍ରତି ୧୦୦-୧୨୦ କିଲୋଗ୍ରାମ ଯବକ୍ଷାରଜାନ, ୬୦ କିଲୋଗ୍ରାମ୍ ଫସଫରସ, ୬୦ କିଲୋଗ୍ରାମ୍ ପଟାସ ଓ ୨୫ କିଲୋଗ୍ରାମ୍ ଜିଙ୍କ ସଲଫେଟ୍ ପ୍ରୟୋଗ କରନ୍ତୁ ।







**ସଠିକ୍ ସମୟ:**

ଅଧିକ ଲାଭ ପାଇବା ପାଇଁ ବୁଣିବା ବା ରୋଇବା ବେଳେ ମୂଳ ସାର ହିସାବରେ ଫସଫରସ୍ ଓ ଦସ୍ତା ଖାଦ୍ୟସାର ପ୍ରୟୋଗ କରନ୍ତୁ । ଯବକ୍ଷାର ସାରକୁ ତିନିଥରରେ ପ୍ରୟୋଗ କରନ୍ତୁ । ବୁଣାଧାନ ପାଇଁ ବୁଣିବାର ୨-୩ ସପ୍ତାହ ପରଠାରୁ ଆରମ୍ଭ କରି ଥୋଡ ବାହାରିବା ମଧ୍ୟରେ ଯବକ୍ଷାର ସାରକୁ ସମାନ ବ୍ୟବଧାନରେ ୩-୪ ଥରରେ ପ୍ରୟୋଗ କରନ୍ତୁ । ପଟାସ ସାରକୁ ଦୁଇଥର କରି ମୂଳ ସାର ଭାବେ ଓ ଥୋଡ ହେବାବେଳେ ପ୍ରୟୋଗ କରନ୍ତୁ । ସାଧାରଣ ଭାବେ ମିଳୁଥିବା ସାର ଓ ସେସବୁର ପ୍ରୟୋଗ ବିଧି ନିମ୍ନ ସାରଣୀରେ ପ୍ରଦାନ କରାଗଲା ।

**ସଠିକ୍ ସ୍ଥାନ:**

ଗଛ ମୂଳ ପାଖରେ ସାର ପ୍ରୟୋଗ କରନ୍ତୁ । ବୁଣା ଧାନ ପାଇଁ ବିହନ ଓ ସାର ବୁଣା ଯନ୍ତ୍ର ବ୍ୟବହାର କରାଗଲେ ପ୍ରୟୋଗ କରାଯାଇଥିବା ସାରର ସଦୁପଯୋଗ ହୋଇଥାଏ

## ସାଧାରଣ ଭାବେ ମିଳୁଥିବା ସାର

| ସାରର ପ୍ରୟୋଗ | ଖାଦ୍ୟ ସାରର ଶତକଡା ଭାଗ | ପ୍ରୟୋଗ ସମୟ | | |
|---|---|---|---|---|
| | | ମୂଳ ସାର | ପ୍ରଥମ ଦଫା ସାର | ଦ୍ୱିତୀୟ ଦଫା ସାର |
| ୟୁରିଆ (୪୬-୦-୦) | ୪୬% ଯବକ୍ଷାର | X | X | X |
| ମ୍ୟୁରେଟ୍ ଅଫ୍ ପଟାସ (୦-୦-୬୦) | ୬୦% ପଟାସ | X | | X |
| ସିଙ୍ଗଲ ସୁପର ଫସଫେଟ୍ (୦-୧୬-୦) | ୧୬% ଫସଫରସ୍ | X | | |
| ଡି.ଏ.ପି. (୧୮-୪୬-୦) | ୧୮% ଯବକ୍ଷାର; ୪୬% ଫସଫରସ୍ | X | | |
| ଏନ୍.ପି.କେ.ଏସ୍. (୨୦-୨୦-୦-୧୩) | ୨୦% ଯବକ୍ଷାର; ୨୦% ଫସଫରସ; ୧୩% ଗନ୍ଧକ | X | | |
| ଗ୍ରୋମୋର (୨୮-୨୮-୦) | ୨୮% ଯବକ୍ଷାର; ୨୮% ଫସଫରସ୍ | X | | |
| ଗ୍ରୋମୋର (୧୪-୩୫-୧୪) | ୧୪% ଯବକ୍ଷାର; ୩୫% ଫସଫରସ: ୧୪% ପଟାସ | X | | |
| ଏନ୍.ପି.କେ. (୧୦-୨୬-୨୬) | ୧୦% ଯବକ୍ଷାର; ୨୬% ଫସଫରସ୍; ୨୬% ପଟାସ | X | | |
| ଏନ୍.ପି.କେ. (୧୨-୩୨-୧୬) | ୧୨% ଯବକ୍ଷାର; ୩୨% ଫସଫରସ୍; ୧୬% ପଟାସ | X | | |

**ନିରାପଦ ଓ ଯଥୋଚିତ ଭାବେ ସାର ବ୍ୟବହାର କରନ୍ତୁ ।**
**ଖର୍ଚ୍ଚ କମାନ୍ତୁ ଓ ଅଧିକ ଅମଳ ପାଆନ୍ତୁ ।**

**ଅଧିକ ଜାଣିବା ପାଇଁ :**
**www.csisa.org**

ଏହା CIMMYT, IRRI ଏବଂ IFRIର ମିଳିତ ପ୍ରକଳ୍ପ CSISA ଦ୍ୱାରା ପ୍ରକାଶିତ ।
CSISA ପ୍ରକଳ୍ପଟି USAID ଏବଂ BMGFର ଆର୍ଥିକ ଅନୁଦାନ ପ୍ରାପ୍ତ ଅଟେ ।